# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 22 May - 2026

************************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ୪୭ଟି ସ୍ଥାନରେ ଆସନ୍ତାକାଲି ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ
- ଓଡ଼ିଶା' ପୂର୍ବ ଭାରତର ଏକ ପ୍ରମୁଖ ପରିବହନ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି; କହିଲେ ରାଜ୍ୟପାଳ
- ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ଥିବା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା
- ଝାରସୁଗୁଡ଼ାଠାରେ ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍ ଲୋକାର୍ପିତ; ଆଗାମୀ ଦିନରେ ୫୫ଟି ନୂତନ ଏଟିଏମ୍ ସ୍ଥାପନ ଲକ୍ଷ୍ୟ ରଖିଛନ୍ତି ସରକାର

ଏବଂ

- ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମପ୍ରବାହ; ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା

## ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୧୯ତମ ରୋଜଗାର ମେଳାରେ ଦେଶବ୍ୟାପୀ ୪୭ଟି କେନ୍ଦ୍ରରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଆଭାସୀ ଜରିଆରେ ପୂର୍ବାହ୍ନ ୧୧ଟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେବେ। ରେଳ, ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ଓ ଉଚ୍ଚଶିକ୍ଷା ବିଭାଗ ସହିତ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ଚୟନ ହୋଇଥିବା ଯୁବକଯୁବତୀଙ୍କୁ ଏହି ନିଯୁକ୍ତିପତ୍ର ବଣ୍ଟନ କରାଯିବ। ଯୁବକ-ଯୁବତୀଙ୍କୁ ରୋଜଗାର ସୁଯୋଗ ପ୍ରଦାନ ଏବଂ ଖାଲି ପଡିଥିବା ସରକାରୀ ପଦ ପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରୋଜଗାର ମେଳାର ଆୟୋଜନ କରାଯାଉଛି। ବର୍ତ୍ତମାନସୁଦ୍ଧା ୧୮ଟି ରୋଜଗାରମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିବା ଜଣାପଡିଛି।

## ରାଜ୍ୟପାଳ

ଦକ୍ଷତା, ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା, ସ୍ଥିରତା ଏବଂ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରଗୁଡ଼ିକ ପାଇଁ ଆଗାମୀ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ପୁରୀଠାରେ ଭାରତୀୟ ମାଲବାହୀ ପରିବହନ ମହାସଂଘ-ଏଫ୍‌ଏଫ୍‌ଏଫ-ଏଆଇ'ର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଭାରତର ଲଜିଷ୍ଟିକ୍ କ୍ଷେତ୍ର ସାମଗ୍ରୀ ପରିବହନ ସହ ଆକାଂକ୍ଷାକୁ ସଂଯୋଗ, ବ୍ୟବସାୟକୁ ସଶକ୍ତ, ନିଯୁକ୍ତି ସୃଷ୍ଟି ଏବଂ ଜାତୀୟ ସଂହତିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ

କରୁଛି। ଦେଶର ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ଆକାଂକ୍ଷା ପୂରଣ କରିବା ଦିଗରେ ଏଫ୍ଏଫଏଫ୍-ଏଆଇ ଭଳି ସଂଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭୂ-ରାଜନୈତିକ ଉତ୍ତେଜନା, ଯୋଗାଣଶୃଙ୍ଖଳ ବାଧା, ବର୍ଦ୍ଧିତ ମାଲ ପରିବହନ ଆଦି କ୍ଷେତ୍ରରେ ଥିବା ବିଭିନ୍ନ ଆହ୍ୱାନଗୁଡ଼ିକ ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ପରିବହନ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦ୍ୱୀପ, ଧାମରା ଓ ଗୋପାଳପୁର ଆଦି ବନ୍ଦର ଯୋଗାଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି।

## ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ

ପୂର୍ବ ଭାରତର ଶିଳ୍ପ ଓ ପୁଞ୍ଜିନିବେଶ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ପାଇଁ ଆଗାମୀ ଦିନରେ ଓଡ଼ିଶାରେ ଭାରତୀୟ ଶିଳ୍ପ ସଂଘର ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ ଆୟୋଜନ କରାଯିବ। ଏ ନେଇ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ  ଶିଳ୍ପ ସଂଘ ଓଡ଼ିଶା ପ୍ରଦେଶର ଅଧ୍ୟକ୍ଷ ଅନୀଲ ସିଂହ ଏବଂ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ମିଳନୀରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡଖଣ୍ଡର ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାକୁ ସାକାର କରିବା ପାଇଁ ଏହି ସବୁ ରାଜ୍ୟଗୁଡ଼ିକର ସମନ୍ୱିତ ଭୂମିକା, ଓଡ଼ିଶାର ଅଭିବୃଦ୍ଧି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି।

## ଜୈବ ବିବିଧତା ସମ୍ମାନ

ଓଡ଼ିଶା ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବବିବିଧତା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତର କନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ହେନ୍ତାଳ ବନର ପୁନରୁଦ୍ଧାର ଓ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ ଲୋକକୈନ୍ଦ୍ରିକ ସଂରକ୍ଷଣ ମଡେଲ ଭାବେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ଅବସରରେ ଗନ୍ଧମାର୍ଦ୍ଦନର କାହାଣୀ, ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ ସହିତ ଚାରୋଟି ପ୍ରମୁଖ ପୁସ୍ତକ ଓ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଜୈବବିବିଧତା ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ ଜୈବ ବିବିଧତାର ରକ୍ଷକ ଓ ଦୁଇଜଣଙ୍କୁ ଜୈବବିବିଧତାର ବିଜେତା ଭାବେ ସମ୍ମାନିତ କରାଯାଇଥିଲା।

## ରଥଯାତ୍ରା ବୈଠକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜ୍ୟ ଅତିଥିଭବନଠାରେ ଅନୁଷ୍ଠିତ ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା, ଆଡପମଣ୍ଡପ

ବିଜେ, ବାହୁଡାଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଛି। ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ, ଦଇତାପତି ନିଯୋଗ, ସେବାୟତ ଓ ରାଜ୍ୟବାସୀଙ୍କ ସହଯୋଗ କାମନା କରିଛନ୍ତି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, ଭିଡ ନିୟନ୍ତ୍ରଣ, ଆବଶ୍ୟକସ୍ଥଳେ ସ୍ୱତନ୍ତ୍ର ବାରିକେଡ୍ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀଙ୍କ କର୍ତ୍ତବ୍ୟ ଉପରେ ସଚେତନତା ସୃଷ୍ଟି ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ବୈଠକରେ ସୂଚନା ଦେଇଥିଲେ।

## ସାର ମହଜୁଦ

ରାଜ୍ୟରେ ଆବଶ୍ୟକ ପରିମାଣରେ ସାର ମହଜୁଦ ରହିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ମାର୍କଫେଡ୍‌ରେ ୬୬ ହଜାର ୯୧୮ ମେଟ୍ରିକ୍‌ଟନ୍ ସାର ମହଜୁଦ୍ ରହିଥିବା ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି। କଂଚାମାଲ ଯୋଗାଣ ଅଭାବରୁ ସାର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଖୁବ୍ ଶୀଘ୍ର ସାର ଉତ୍ପାଦନ ସ୍ୱାଭାବିକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍

ରାଜ୍ୟ ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ଝାରସୁଗୁଡ଼ାଠାରେ ଅନ୍ନପୂର୍ଣ୍ଣି ଗ୍ରେନ୍ ଏଟିଏମ୍ର ଲୋକାର୍ପଣ ହୋଇଯାଇଛି। ହିତାଧିକାରୀମାନଙ୍କ ସୁବିଧା ପାଇଁ ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକ୍ସ୍ତରରେ ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ୫୫ଟି ନୂତନ ଗ୍ରେନ ଏଟିଏମ୍ ସ୍ଥାପନ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

## ପଟ୍ଟା ବଣ୍ଟନ

ରାଜ୍ୟସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ଠାରେ ଏକ କାର୍ଯ୍ୟକ୍ରମରେ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ମନ୍ତ୍ରୀ  ପ୍ରଦାନ କରିଛନ୍ତି।

## ସମୀକ୍ଷା ବୈଠକ

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମେଡିକାଲ ଷ୍ଟାର୍ଟଅପ୍ ଏବଂ ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ସମୀକ୍ଷା ବୈଠକ

ସୁନ୍ଦରଗଡ଼ଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ପ୍ରଶାସନ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଆଦି ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି।

## ସମୀକ୍ଷା ବୈଠକ

ଭୁବନେଶ୍ୱରଠାରେ ରାଜ୍ୟର ଶାରୀରିକ ଶିକ୍ଷା ଅଧିକାରୀମାନଙ୍କୁ ନେଇ ଦୁଇଦିବସୀୟ ଦିଗ୍‌ଦର୍ଶନ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ଉଦ୍‌ଘାଟନ କରିବା ସହ ବୃତ୍ତିଗତ କ୍ଷେତ୍ରରେ ଅଧିକାରୀମାନଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରୁ  ଛଅଟି କ୍ରୀଡା ବର୍ଗ- ଯୋଗାସନ, ଟାଇକୋଣ୍ଡା, ସଫ୍ଟବଲ୍, ଉସୁ, ସାଇକ୍ଲିଂ ଏବଂ ସ୍କେଟିଂ କ୍ରୀଡାର ପ୍ରଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କ ଉତ୍ତର ପୁସ୍ତିକାର ଫଟୋକପି ପାଇବାର ଶେଷ ତାରିଖକୁ ବୃଦ୍ଧି କରାଯାଇଛି । ଆସନ୍ତା ରବିବାର ଯାଏ ଛାତ୍ରଛାତ୍ରୀମାନେ ଉତ୍ତର ପୁସ୍ତିକା ପାଇପାରିବେ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି ।

## ଗୋଷ୍ଠୀ-ସମୀକ୍ଷା

**ଗଜପତି** ଜିଲ୍ଲା ଗୋଷାଣୀ ବ୍ଲକ୍‌ର ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ ।

## ବିପର୍ଯ୍ୟୟ ପରିଚାଳନା

**ସମ୍ବଲପୁର** ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ବନ୍ୟା ପରିଚାଳନା ପାଇଁ ପୂର୍ବପ୍ରସ୍ତୁତି, ଦୁର୍ବଳ ନଦୀବନ୍ଧ ଚିହ୍ନଟ ତଥା ମରାମତି, ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଏବଂ ଦୈନିକ ରିପୋର୍ଟ ପ୍ରେରଣ ଆଦି ସଂକ୍ରାନ୍ତରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ଖବର ସଂକ୍ଷେପରେ....

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବାର ମିଳିତ ପ୍ରୟାସରେ **କେନ୍ଦ୍ରାପଡା** ଜିଲ୍ଲା ରାଜନଗର ବ୍ଲକ୍ ଅଧୀନସ୍ଥ ତାଳଚୁଆ ପଂଚାୟତର ୫ଟି ଗ୍ରାମରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।

**ବରଗଡ଼** ଜିଲ୍ଲା ସୋହେଲା ବ୍ଲକ୍ ସମ୍ମିଳନୀ କକ୍ଷରେ ଜନଭାଗିଦାରୀ ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଏଥିରେ ଜିଲ୍ଲାର ୧୫୭ଟି ଜନଜାତିବହୁଳ ଗ୍ରାମରେ ହିତାଧିକାରୀଙ୍କୁ ସରକାରଙ୍କ ସମସ୍ତ ସୁବିଧା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

**ବୌଦ୍ଧ** ଜିଲ୍ଲା ରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ନିର୍ମାଣାଧୀନ **ଖୋର୍ଦ୍ଧା-**ବଲାଙ୍ଗିର ରେଳ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଛନ୍ତି ।

## ପାଣିପାଗ

ଓଡ଼ିଶା ଓ ନିକଟବର୍ତ୍ତୀ ଅଂଚଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସପ୍ତାହରେ

ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର କେତେକ ଅଂଚଳରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ଆଜି ଅପରାହ୍ଣ ସାଢ଼େ ଦୁଇଟା ସୁଦ୍ଧା ଝାରସୁଗୁଡ଼ାରେ ଦିନର ସର୍ବାଧିକ ତାପମାତ୍ରା ୪୫ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ, ରାଜ୍ୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ନେଇ ୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି।

ପାଣିପାଗ ବିଶେଷଜ୍ଞ ଡକ୍ଟର ରାଜଶ୍ରୀ ଭିପିଏମ୍ ପ୍ରତିକ୍ରିୟାରେ କହିଛନ୍ତି....

**- V/O -**